## ୨୦୦୮-୦୯ ବର୍ଷର ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ସମ୍ବନ୍ଧେ ବିବରଣୀ

ରାସ୍ତାର ଉନ୍ନତି ବିଧାନ ଓ ରକ୍ଷଣାବେକ୍ଷଣ ଏକ ପ୍ରଧାନ ଆବଶ୍ୟକତା, ଯାହା ସାର୍ବଜନୀନ ଉନ୍ନତିର ନମୁନା ବହନ କରେ । ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗମନାଗମନ ଏକ ମୁଖ୍ୟ ଆଧାର । ତେଣୁ ଅଗମ୍ୟ ଅଞ୍ଚଳକୁ ସର୍ବକାଳୀନ ରାସ୍ତା ଯୋଗାଇ ଓ ରାସ୍ତାର ବର୍ତ୍ତମାନ ସ୍ଥିତାବସ୍ଥାର ଉନ୍ନତି କରଣ କରି ଗ୍ରାମାଞ୍ଚଳର ଜନସାଧାରଣଙ୍କ ଜୀବନଧାରଣ ମାନ ଉନ୍ନତି କରିବାର ଆବଶ୍ୟକତା ଅଛି । କୃଷି, କ୍ଷୁଦ୍ର ଓ କୁଟୀର ଶିଳ୍ପର ଉନ୍ନତି, ସାଧାରଣ ବଣ୍ଟନ ବ୍ୟବସ୍ଥାର ପ୍ରସାର, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରକୁ ଅଧିକରୁ ଅଧିକ ଉନ୍ନତି, ସ୍ଥାୟୀ ତଥା ସର୍ବକାଳୀନ ରାସ୍ତା ଗମନାଗମନ ଉପରେ ନିର୍ଭର କରେ । ସର୍ବୋପରି ଉତ୍ତମ ରାସ୍ତା ଗ୍ରାମାଞ୍ଚଳ ସହ ହାଟ ବଜାର ସାମୁହିକ ପ୍ରବେଶ ସୁଗମ କରିଥାଏ ଓ ଅଧିକ ସକ୍ରିୟ କରିଥାଏ । ତେଣୁ ଗ୍ରାମାଞ୍ଚଳକୁ ସର୍ବକାଳୀନ ରାସ୍ତା ଯୋଗାଇବା ସରକାରଙ୍କ ମୂଳ ଲକ୍ଷ୍ୟ ଅଟେ ।

ପୂର୍ତ୍ତ ବିଭାଗର ପ୍ରଶାସନିକ ଢାଞ୍ଚା ଅନୁଯାୟୀ ୫ ଜଣ ମୁଖ୍ୟଯନ୍ତ୍ରୀ (ମୁଖ୍ୟଯନ୍ତ୍ରୀ, ଯୋଜନା ଉପାଙ୍କନ ଅନୁସନ୍ଧାନ ଓ ରାସ୍ତା, ମୁଖ୍ୟଯନ୍ତ୍ରୀ, କୋଠାବାଡି, ମୁଖ୍ୟଯନ୍ତ୍ରୀ, ଜାତୀୟ ରାଜପଥ, ମୁଖ୍ୟଯନ୍ତ୍ରୀ ବିଶ୍ୱବ୍ୟାଙ୍କ ପ୍ରକଳ୍ପ, ମୁଖ୍ୟଯନ୍ତ୍ରୀ, ଗବେଷଣା ଉନ୍ନୟନ ଓ ଗୁଣାତ୍ମକ ମାନ ନିର୍ଦ୍ଧାରଣ) କାର୍ଯ୍ୟରତ । ଏଥି ସହିତ ୭ ଗୋଟି ରାସ୍ତା ଓ ଗୃହ ମଣ୍ଡଳ, ୩ ଗୋଟି ଜାତୀୟ ରାଜପଥ ମଣ୍ଡଳ, ଗୋଟିଏ ଯାନ୍ତ୍ରୀକ ମଣ୍ଡଳ, ଓ ଗୋଟିଏ ବୈଦ୍ୟୁତିକ ମଣ୍ଡଳ, ଅଧୀକ୍ଷଣଯନ୍ତ୍ରୀ ମାନଙ୍କର ତତ୍ତ୍ୱାବଧାନରେ ଅଛି । ଯେଉଁମାନେ କି ସେମାନଙ୍କର ମଣ୍ଡଳରେ ଥିବା ଅଧିକାରୀ ମାନଙ୍କର ପ୍ରଶାସନିକ ଓ କାର୍ଯ୍ୟ ନିୟନ୍ତ୍ରଣ ଅଧିକାରୀ ଅଟନ୍ତି ତା ସହିତ ନିଜେ ମଧ୍ୟ ସମ୍ପୃକ୍ତ ମୁଖ୍ୟଯନ୍ତ୍ରୀମାନଙ୍କ ନିକଟରେ ଉତ୍ତରଦାୟୀ ଅଟନ୍ତି । ସମସ୍ତ ବିଭାଜନରେ ନିର୍ବାହୀ ଯନ୍ତ୍ରୀମାନେ ଅବସ୍ଥାପିତ ଅଛନ୍ତି । ରାଜ୍ୟରେ ମୋଟ ୩୬ଗୋଟି ରାସ୍ତା ଓ ଗୃହ ବିଭାଜନ, ୧୫ ଗୋଟି ଜାତୀୟ ରାଜପଥ ବିଭାଜନ, ୪ ଗୋଟି ବୈଦ୍ୟୁତିକ ବିଭାଜନ, ୪ଗୋଟି ଯାନ୍ତ୍ରିକ ବିଭାଜନ ଓ ୨ଗୋଟି ଜନସ୍ୱାସ୍ଥ୍ୟ ବିଭାଜନ ଅଛି । ଏହା ବ୍ୟତୀତ ନିର୍ବାହୀ ଯନ୍ତ୍ରୀ ମାନଙ୍କ ଅଧୀନରେ ସହକାରୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଅବସ୍ଥାପିତ ହୋଇଛନ୍ତି ଯେଉଁ ମାନେକି ୨୨୪ଟି ଉପବିଭାଜନ ସ୍ତରରେ କାର୍ଯ୍ୟ କରନ୍ତି ।

ରାଜ୍ୟ ପୂର୍ତ୍ତ ବିଭାଗ ଅଧିନରେ ଜାତୀୟ୍ ରାଜପଥ, ରାଜ୍ୟ ରାଜପଥ ଓ ଜିଲ୍ଲାରାସ୍ତାକୁ ମିଶାଇ ମୋଟ ୧୮୦୭୩.୭୩୭ କି.ମି ରାସ୍ତା ଅଛି, ଯାହାକି ରାଜ୍ୟରେ ଥିବା ସମସ୍ତ ରାସ୍ତାର ୭ ଶତାଂଶ ଅଟେ । ଏ ଗୁଡିକ ଗମନାଗମନ ପାଇଁ ମୁଖ୍ୟ ସାଧନ ହେତୁ ଅର୍ଥନୈତିକ ବିକାଶ ଧାରାକୁ ଅଧିକ କ୍ଷିପ୍ର କରାଇବାରେ ସହାୟକ ଅଟନ୍ତି । ଏହା ସର୍ବଜନ ବିଦିତ ଯେ ପ୍ରଧାନ ରାସ୍ତାର ଉନ୍ନତି ହେଲେ ଗ୍ରାମାଞ୍ଚଳରେ ଗମନାଗମନ ଅଧିକ ସଂଗଠିତ ହେବ । ଏଣୁ ବିଭିନ୍ନ ଯୋଜନାରେ ଓଡିଶାର ରାସ୍ତାଗୁଡିକର ଉନ୍ନତି ପାଇଁ ଉଦ୍ୟମ କରାଯାଉଛି ।

୧. ରାଜ୍ୟରେ ବିଭିନ୍ନପ୍ରକାର ରାସ୍ତା ଓ ତାର ଦୈର୍ଘ୍ୟ ।

(କ) ପୂର୍ତ୍ତ ବିଭାଗ

| | | |
|---|---|---|
| ୧. | ଜାତୀୟ୍ ରାଜପଥ | ୩୫୯୫.୫୨୭ କି.ମି |
| ୨. | ରାଜ୍ୟ ରାଜପଥ | ୩୮୮୬.୯୬୬ କି.ମି |
| ୩. | ମୁଖ୍ୟ ଜିଲ୍ଲାରାସ୍ତା | ୪୨୭୭.୧୯୫ କି.ମି |
| ୪. | ଅନ୍ୟାନ୍ୟ ଜିଲ୍ଲାରାସ୍ତା | ୬୩୧୪.୦୪୯ କି.ମି |
| | ମୋଟ | ୧୮୦୭୩.୭୩୭ କି.ମି |

ପୂର୍ତ୍ତ ବିଭାଗ ରାସ୍ତା, ସେତୁ ଓ କୋଠାବାଡିର ନିମ୍ନଲିଖିତ ଦିଗମାନ ତଦାରଖ କରୁଛନ୍ତି ।

⇒ ରାସ୍ତାର ଉନ୍ନତିକରଣ ଓ ସେତୁ ନିର୍ମାଣ

⇒ ରାଜ୍ୟ ରାଜପଥ, ମୁଖ୍ୟ ଜିଲ୍ଲାରାସ୍ତା, ଅନ୍ୟାନ୍ୟ ଜିଲ୍ଲାରାସ୍ତା ଏବଂ ଏହି ରାସ୍ତା ଗୁଡିକରେ ଥିବା ସେତୁ ଗୁଡିକର ରକ୍ଷଣାବେକ୍ଷଣ ଏବଂ ମରାମତି

⇒ ରାଜ୍ୟରେ ଥିବା ଜାତୀୟ୍ ରାଜପଥ ଓ ତତ୍ ସଂଲଗ୍ନ ସେତୁ ଗୁଡିକର ନିର୍ମାଣ, ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ

⇒ ସେତୁ ଗୁଡିକର ବିଶଦ୍ ପ୍ରାୟୋଗିକ କାର୍ଯ୍ୟ ଚୂଡାନ୍ତ କରଣ

⇒ କୋଠାବାଡି ଗୁଡିକର ବିଶଦ୍ ପ୍ରାୟୋଗିକ କାର୍ଯ୍ୟ ଚୂଡାନ୍ତ କରଣ

⇒ ସର୍ବସାଧାରଣ କୋଠା ନିର୍ମାଣ

⇒ ଆବାସିକ ଓ ଅଣ ଆବାସିକ ସରକାରୀ କୋଠାବାଡିର ରକ୍ଷଣାବେକ୍ଷଣ

## ରାଜ୍ୟ ଅଣଯୋଜନା ଅନ୍ତର୍ଗତ ରାସ୍ତା ଓ କୋଠାବାଡିର ମରାମତି ଓ ରକ୍ଷଣାବେକ୍ଷଣ ।

(କ) ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ

ରାଜ୍ୟ ପୂର୍ତ୍ତବିଭାଗ ବିଭିନ୍ନ ବର୍ଗର ୧୪୪୬୮.୨୧୦ କି.ମି ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ ତୁଲାଉ ଅଛି । ତାର ବିଶଦ୍ ବିବରଣୀ ନିମ୍ନରେ ଦର୍ଶାଯାଇଛି ।

| ରାସ୍ତାର ପ୍ରକାର | କି.ମିରେ ଦୈର୍ଘ୍ୟ |
|---|---|
| କ) ରାଜ୍ୟ ରାଜପଥ | ୩୮୮୬.୯୬୬ କି.ମି |
| ଖ) ମୁଖ୍ୟ ଜିଲ୍ଲାରାସ୍ତା | ୪୨୬୬.୧୯୫ କି.ମି |
| ଗ) ଅନ୍ୟାନ୍ୟ ଜିଲ୍ଲାରାସ୍ତା | ୬୩୧୪.୦୪୯ କି.ମି |
| **ମୋଟ** | **୧୪୪୬୮.୨୧୦ କି.ମି** |

ଉପରୋକ୍ତ ରାସ୍ତା ଗୁଡିକର ମରାମତି ପାଇଁ ୨୦୦୮-୦୯ର ଅଣଯୋଜନା ବଜେଟରେ ଟ୫୩୧୭.୪୦ଲକ୍ଷ ଟଙ୍କା (କାର୍ଯ୍ୟ ଉପାଦାନ) ବ୍ୟବସ୍ଥା ହୋଇଥିଲା ଏବଂ ତନ୍ମଧ୍ୟରୁ ମାର୍ଚ୍ଚ, ୨୦୦୯ ସୁଦ୍ଧା ଟ୫୩୧୭.୪୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।

***ଦଶମ ପଞ୍ଚବାର୍ଷିକ ଯୋଜନା ୨୦୦୨-୨୦୦୭***

ଦଶମ ପଞ୍ଚବାର୍ଷିକ ଯୋଜନା ୨୦୦୨-୦୩ ବର୍ଷରୁ ଆରମ୍ଭ ହୋଇଅଛି ଓ ୨୦୦୬-୦୭ ପର୍ଯ୍ୟନ୍ତ ଗ୍ଲିଲା । ତଦନୁସାରେ ପୂର୍ତ୍ତବିଭାଗ ଦଶମ ପଞ୍ଚବାର୍ଷିକ ଯୋଜନା ପାଇଁ ୧୨୦୭.୫୩

କୋଟି ଟଙ୍କା ବ୍ୟୟରେ ୧୩୦୦ କି.ମି ରାସ୍ତା ଉନ୍ନତି କରଣ ଓ ୧୦୬ଟି ସେତୁ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହି ବିଭାଗ ୨୦୦୨-୦୩ ରୁ ୨୦୦୬-୦୭ ପର୍ଯ୍ୟନ୍ତ ୨୩୬୩ କି.ମି ରାସ୍ତାର ଉନ୍ନତିକରଣ ଓ ୮୭ ଗୋଟି ସେତୁ କାର୍ଯ୍ୟ ଶେଷ କରିଅଛି ।

## ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୨୦୧୨)

ଏକାଦଶ ପଞ୍ଚବାର୍ଷିକ ଯୋଜନା ୨୦୦୭-୦୮ ବର୍ଷରୁ ଆରମ୍ଭ ହୋଇଅଛି ଓ ୨୦୧୧-୧୨ ପର୍ଯ୍ୟନ୍ତ ଚାଲିବ । ତଦନୁସାରେ ପୂର୍ତ୍ତବିଭାଗ ଏକାଦଶ ପଞ୍ଚବାର୍ଷିକ ଯୋଜନା ପାଇଁ ୧୯୪୫.୮୪ କୋଟି ଟଙ୍କା ବ୍ୟୟରେ ୪୫୦୦ କି.ମି ରାସ୍ତା ଉନ୍ନତିକରଣ ଓ ୫୨ ଗୋଟି ସେତୁ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ କରିଅଛି । ଶୁନ ଆଧାର ବଜେଟ ପ୍ରକ୍ରିୟାକୁ ଅନୁସରଣ କରି ପୂର୍ତ୍ତ ବିଭାଗ, ଜନସାଧାରଣଙ୍କୁ ସର୍ବକାଳିନ ଗମନାଗମନର ସୁବିଧା ଦେବାପାଇଁ, ନିର୍ମାଣଧୀନ ଅଧିକରୁ ଅଧିକ ପୋଲ ଓ ରାସ୍ତା ପ୍ରକଳ୍ପର ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବା ଯୋଜନା କରିଅଛି ।

ଏକାଦଶ ପଞ୍ଚ ବାର୍ଷିକ ଯୋଜନାରେ ପ୍ରଥମ ଦୁଇ ବର୍ଷରେ ହୋଇଥିବା ଆର୍ଥିକ ଓ ବାସ୍ତବ ସାଫଲ୍ୟ ନିମ୍ନରେ ପ୍ରଦତ୍ତ ହୋଇଛି ।

| କ୍ର. ନ. | ବର୍ଷ | ଆର୍ଥିକ ସଫଳତା (ଟଙ୍କା କୋଟିରେ) | ଲକ୍ଷ୍ୟ | | ବାସ୍ତବ ସଫଳତା | |
|---|---|---|---|---|---|---|
| | | | ସେତୁ | ରାସ୍ତା | ସେତୁ ସମ୍ପୂର୍ଣ୍ଣ | ରାସ୍ତା (କି.ମିରେ) |
| ୦୧ | ୨୦୦୭-୦୮ | ୩୫୬.୨୯ | ୧୯ | ୬୧୭.୬୯ | ୧୬ | ୬୦୫.୩୯୦ |
| ୦୧ | ୨୦୦୮-୦୯ | ୭୨୭.୯୫ | ୧୬ | ୪୫୮.୦୦ | ୧୫ | ୫୩୪.୬୯୪ |
| | **ମୋଟ** | ୧୦୮୪.୨୪ | ୩୫ | ୧୦୭୫.୬୯ | ୩୧ | ୧୧୪୦.୦୮୪ |

## *ପୂର୍ତ୍ତ ବିଭାଗର ବିଭିନ୍ନ ଯୋଜନାର ସାଫଲ୍ୟ*

### *୧. ନାବାର୍ଡ :*

ପୂର୍ବରୁ ଅନେକ ନିର୍ମାଣଧିନ ପ୍ରକଳ୍ପ ଆରମ୍ଭ ହୋଇ ସମ୍ବଳ ଅଭାବରୁ ଅସମ୍ପୂର୍ଣ୍ଣ ହୋଇ ପଡିରହିଥିଲା । ଏହା ସର୍ବଜନ ବିଦିତ ଯେ ଗ୍ରାମାଞ୍ଚଳରେ ଅନ୍ତନିର୍ମାଣ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ମାଧ୍ୟମରେ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ଅଟେ । ପ୍ରକୃତ ପକ୍ଷେ ଗ୍ରାମ୍ୟ ଅନ୍ତନିର୍ମାଣ ପ୍ରକଳ୍ପକୁ ଅର୍ଥ ପ୍ରଦାନ ପାଇଁ କୈଣସି ଆନୁଷ୍ଠାନିକ ବ୍ୟବସ୍ଥା ପୂର୍ବରୁ ହୋଇନଥିଲା । ଏହି ପରିପ୍ରେକ୍ଷିରେ ୧୯୯୫-୯୬ ବର୍ଷରେ ଭାରତ ସରକାରଙ୍କ ନିର୍ମାଣଧୀନ ଏବଂ ନୂଆ ପ୍ରକଳ୍ପକୁ ଆର୍ଥିକ ସହାୟତା ପାଇଁ ନାବାର୍ଡ ଦ୍ୱାରା ଗ୍ରାମ୍ୟ ଅନ୍ତନିର୍ମାଣ ଉନ୍ନୟନ ପାଣ୍ଠି ସ୍ଥାପନ କରିବାର ଯୋଜନା ଘୋଷଣା କଲେ । ରାଜ୍ୟର ନାବାର୍ଡ ଋଣ ଏକ ପ୍ରଧାନ ଉତ୍ସ ହୋଇଅଛି । ନାବାର୍ଡ

ସହାୟତା ଆବଶ୍ୟକ କରୁଥିବା ପ୍ରକଳ୍ପ ତାଲିକ ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ନିକଟରେ ଉପସ୍ଥାପନ କରାଯାଏ । ଉଚ୍ଚକ୍ଷମତା କମିଟି ଦ୍ୱାରା ପାଶ୍ ହେଲାପରେ ପ୍ରକଳ୍ପ ସବିଶେଷ ଅଟକଳ ଅର୍ଥବିଭାଗ ଜରିଆରେ ନାବାର୍ଡ୍‌କୁ ଋଣ ମଞ୍ଜୁର ପାଇଁ ପଠାଯାଇଥାଏ । ନାବାର୍ଡ ଦ୍ୱାରା ପ୍ରକଳ୍ପ ମଞ୍ଜୁର ହେଲାପରେ, ପ୍ରକଳ୍ପର ଆବଶ୍ୟକୀୟ ଔପଚାରିକତା ଶେଷ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଏ । ନିମ୍ନରେ ଏହି ଯୋଜନାରେ ସମ୍ପାଦିତ ହୋଇଥିବା ପ୍ରକଳ୍ପ ଗୁଡିକର ସବିଶେଷ ବିବରଣୀ ପ୍ରଦତ୍ତ ହୋଇଛି ।

| | | ସେତୁ | ରାସ୍ତା | ମୋଟ |
|---|---|---|---|---|
| ୧. | ଆର୍.ଆଇ.ଡି.ଏଫ୍-୧ରୁ ଆର୍.ଆଇ.ଡି.ଏଫ୍-୧୩ ରେ ନାବାର୍ଡ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରକଳ୍ପର ସଂଖ୍ୟା (୨୦୦୭-୦୮ ଶେଷ ସୁଦ୍ଧା) | ୧୩୮ | ୧୬୫ | ୩୦୩ (୩ଗୋଟି ରାସ୍ତା ପ୍ରକଳ୍ପ ବିଶ୍ୱବ୍ୟାଙ୍କ ଯୋଜନା ଅଧୀନରେ କରାଯିବାପାଇଁ ପ୍ରସ୍ତାବିତ ହୋଇଥିଲା । ଗୋଟିଏ ସେତୁ ପ୍ରକଳ୍ପ ହ୍ରାସ କରାଗଲା ଆର.ଆଇ.ଡି.ଏଫ୍. -୧୦ ରେ ୧ଟି ସେତୁ ପୁନଃ ମଞ୍ଜୁର କରାଗଲା ଓ ଆର.ଆଇ.ଡି.ଏଫ୍.-୧୨ରେ ୩ଟି ସେତୁ ପ୍ରକଳ୍ପ ପାଇଁ ପୁନଃ ମଞ୍ଜୁର ହୋଇଛି) |
| ୨. | ୨୦୦୭-୦୮ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପର ସଂଖ୍ୟା | ୯୮ | ୭୮ | ୧୭୬ |
| ୩. | ୨୦୦୮-୦୯ ରେ ଆର୍.ଆଇ.ଡି.ଏଫ୍.-୧୪ ରେ ନାବାର୍ଡ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରକଳ୍ପ ସଂଖ୍ୟା | ୦୫ | ୨୧ | ୨୬ |
| ୪. | ୨୦୦୮-୦୯ ରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପର ସଂଖ୍ୟା | ୧୨ | ୨୦ | ୩୨ |
| ୫. | ୨୦୦୯-୧୦ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ | ୦୩ | ୧୮ | ୨୧ |

୨୦୦୮-୦୯ ବର୍ଷରେ ନାବାର୍ଡ ସହାୟତାରେ ୨୭ଟି ପ୍ରକଳ୍ପ (୨୦ ଗୋଟି ରାସ୍ତା ପ୍ରକଳ୍ପ ଓ ୭ ଗୋଟି ସେତୁ ପ୍ରକଳ୍ପ) ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଯେଉଁଥିରେ ୩୨ଟି ପ୍ରକଳ୍ପ (୧୨ ଗୋଟି ସେତୁ ପ୍ରକଳ୍ପ ଓ ୨୦ ଗୋଟି ରାସ୍ତା ପ୍ରକଳ୍ପ) ଶେଷ ହୋଇଅଛି ।

ଏହି ଯୋଜନାରେ ମାର୍ଚ୍ଚ, ୨୦୦୯ ଶେଷ ସୁଦ୍ଧା ମୋଟ ୧୫୮୦ କି.ମି ରାସ୍ତା ଉନ୍ନତ ହୋଇଅଛି । ନାବାର୍ଡ ସହାୟତା ପ୍ରକଳ୍ପ ୨୦୦୯-୧୦ ବର୍ଷ ପାଇଁ ୧୧୭ କୋଟି ଟଙ୍କାର ବଜେଟ୍ ପ୍ରସ୍ତାବ ଅଛି ।

ଏହି ଯୋଜନାରେ ପ୍ରାୟ ସବୁ ମଞ୍ଜୁର କାର୍ଯ୍ୟର ଅଗ୍ରଗତି ତ୍ୱରାନ୍ୱିତ ହୋଇଅଛି ଓ ଆଉ ଅଧିକରୁ ଅଧିକ ପ୍ରକଳ୍ପ ନେବାପାଇଁ ଉଦ୍ୟମ କରାଯାଉଅଛି ।

### *୨. କେ.ବି.କେ ଜିଲ୍ଲାପାଇଁ ସଂଶୋଧିତ ଦୀର୍ଘମିଆଦି ଖସଡା*

କେବିକେ ଜିଲ୍ଲାଗୁଡିକରେ ଲୋକ ମାନଙ୍କର ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ରାସ୍ତା ଗୁଡିକର ସଂଯୋଗୀକରଣ ଓ ଉନ୍ନତିକରଣ ପାଇଁ ଫଳପ୍ରଦ ପଦକ୍ଷେପ ନେଉଛନ୍ତି । ୨୦୦୧-୦୨ ବର୍ଷରୁ ପୂର୍ତ୍ତ ବିଭାଗ ସଂଶୋଧିତ ଦୀର୍ଘମିଆଦି କାର୍ଯ୍ୟ ଯୋଜନା ମାଧ୍ୟମରେ ରାସ୍ତା ସଂଯୋଗୀକରଣ ହାତକୁ ନେଇଛନ୍ତି । କେବିକେ ଜିଲ୍ଲାର ଅଧିକାଂଶ ରାସ୍ତା ନକ୍ସଲ ପ୍ରବଣ ଅଞ୍ଚଳ ଦେଇ ଯାଇ ଅଛି ଓ ଆନ୍ଧ୍ରପ୍ରଦେଶ ଛତିଶଗଡକୁ ସଂଯୋଗ କରୁ ଅଛି । ଯାନବାହାନ ଚଳାଚଳର ତୀବ୍ରତା, ଅବିରାମ ପ୍ରଚଣ୍ଡ ବୃଷ୍ଟି, ପାର୍ବତ୍ୟ ଅଞ୍ଚଳରେ ବନ୍ୟା ପ୍ରବଣତା ଯୋଗୁଁ କେବିକେ ଜିଲ୍ଲାର ରାସ୍ତାଗୁଡିକ ଗୁରୁ ଗହ୍ୱର ଓ ଗର୍ତ୍ତମୟ ହୋଇଯାଏ । କେତେକ ସ୍ଥଳରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସଂଯୋଗ ମଧ୍ୟ ଛିନ୍ନ ହୋଇଯାଏ । ଏ ସବୁ ଅଞ୍ଚଳକୁ ସେତୁ ନିର୍ମାଣ କରି ଏହି ସ୍ଥାନକୁ ସଂଯୋଗୀକରଣ କରିବା ପାଇଁ ପ୍ରାଧାନ୍ୟ ଦିଆଯାଇଅଛି । ଏହି ଯୋଜନାରେ ହାତକୁ ନିଆ ଯାଇଥିବା ପ୍ରକଳ୍ପ ଓ ତାର ଅଗ୍ରଗତି ନିମ୍ନରେ ପ୍ରଦତ୍ତ ହୋଇଅଛି ।

| କ୍ର. ନଂ. | ଆର୍.ଏଲ.ଟି.ଏ.ପି (କେବିକେ) | ପ୍ରଦାନ କରାଯାଇଥିବା ଅର୍ଥରପରିମାଣ କୋଟିରେ | ସେତୁ | ରାସ୍ତା (କି.ମି ରେ) |
|---|---|---|---|---|
| ୧. | ୨୦୦୧-୦୨ ରୁ ୨୦୦୮-୦୯ ମଧ୍ୟରେ | ୧୦୩.୮୧ | ୩୫ | ୫୭୧.୯୦ |

| | | | | |
|---|---|---|---|---|
| | ଅର୍ଥନୈତିକ ଆବଣ୍ଟନରେ ନିଆଯାଇଥିବା ପ୍ରକଳ୍ପ | | | |
| ୨. | ମାର୍ଚ୍ଚ ୨୦୦୯ ସୁଦ୍ଧା ଆର୍ଥିକ ଓ ବାସ୍ତବ ଅଗ୍ରଗତି | ୯୩.୨୩ (ବ୍ୟୟ) | ୨୨ | ୪୮୮.୫୯ |
| ୩. | ୨୦୦୯-୧୦ ପାଇଁ ବାସ୍ତବ ଲକ୍ଷ୍ୟ | ୧୨.୦୦ (ଯୋଜନା ଓ ସମନ୍ୱୟ ବିଭାଗ ଓ ସାର୍କା ଉପସ୍ଥାପନ କରିଥିବା କାର୍ଯ୍ୟାନୁଷ୍ଠାନ ଯୋଜନା) | ୦୧ | ୫୩.୦୦ |

**୩. କେନ୍ଦ୍ରୀୟ ରାସ୍ତା ପାଣ୍ଠି:**

ଏହି ଯୋଜନାରେ ଭାରତ ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ଅନୁଦାନରେ ରାସ୍ତା ଓ ସେତୁର ଉନ୍ନତି ବିଧାନ କରାଯାଇଥାଏ । ଉପରୋକ୍ତ ଯୋଜନାରେ ମଞ୍ଜୁର ପ୍ରାପ୍ତ ପ୍ରକଳ୍ପ ଓ କାର୍ଯ୍ୟର ଅଗ୍ରଗତି ନିମ୍ନରେ ଦର୍ଶାଯାଇଛି ।

| କ୍ର.ନ. | କେନ୍ଦ୍ରୀୟ ରାସ୍ତା ନିଧି | ଅଟକଳ ବ୍ୟୟ (କୋଟିରେ) | ସେତୁ (ସଂଖ୍ୟାରେ) | ରାସ୍ତା (ସଂଖ୍ୟାରେ) |
|---|---|---|---|---|
| ୧. | ୨୦୦୧-୦୨ ରୁ ୨୦୦୮-୦୯ ସୁଦ୍ଧା କେନ୍ଦ୍ରୀୟ ରାସ୍ତା ପାଣ୍ଠିରେ ମଞ୍ଜୁର ପ୍ରକଳ୍ପ | ୪୯୦.୮୦ (ଭାରତ ସରକାରଙ୍କ ମଞ୍ଜୁର ପ୍ରାପ୍ତ) | ୨୧ | ୧୪୦ |
| ୨. | ମାର୍ଚ୍ଚ ୨୦୦୯ ସୁଦ୍ଧା ଆର୍ଥିକ ଓ ବାସ୍ତବ ଅଗ୍ରଗତି | ୨୭୨.୦୪ (ବ୍ୟୟ) | ୧୭ | ୧୧୨ |
| ୩. | ୨୦୦୯-୧୦ ପାଇଁ ବାସ୍ତବ ଲକ୍ଷ୍ୟ | ୬୪.୪୨ (ବଜେଟ ବ୍ୟବସ୍ଥା) | ୦୪ | ୨୦ ଗୋଟି |

**୪. ପର୍ଯ୍ୟଟନ ପ୍ରାଧାନ୍ୟ ରାସ୍ତା ପାଇଁ ଅତିରିକ୍ତ କେନ୍ଦ୍ରୀୟ ସହାୟତା:**

ଓଡିଶା ସଂସ୍କୃତି, ଐତିହ ଓ ପରମ୍ପରା, ଭାଷା ଓ ସାହିତ୍ୟ, କଳା ଓ ସ୍ଥାପତ୍ୟର ଏକ ଆକର୍ଷଣୀୟ ଗନ୍ତାଘର । ବାସ୍ତବରେ ଓଡିଶା ଭାରତର ସଂସ୍କୃତି ଓ ଐତିହର ନିର୍ଯ୍ୟାସ ବହନ କରେ । ଏହାର ପ୍ରାଚୀନ ଗୌରବ ଅତୁଳନୀୟ । ବର୍ତ୍ତମାନର ବିଭିନ୍ନ କ୍ଷେତ୍ରରେ ଦୃଶ୍ୟପଟ ଏକ ଉଜ୍ୱଳ ଭବିଷ୍ୟତର ସୂଚନା ଦେଉଅଛି । ରାଜ୍ୟର ପର୍ଯ୍ୟଟନ ବିକାଶ ପଇଁ ବଳିଷ୍ଠ ପ୍ରୟାସ କେବଳ ରାଜ୍ୟର

ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରିବ ନାହିଁ ବରଂ ଏକ ସମର୍ଥିତ ଆଧାରରେ ଗ୍ରାମାଞ୍ଚଳରେ ଯୁବଶକ୍ତିକୁ ଅଧିକ ଅର୍ଥକାରୀ ଯୋଜନାରେ ସୁନିୟୋଜିତ କରିବା ପାଇଁ ସୁଯୋଗ ସୃଷ୍ଟି କରିବ ।

ପର୍ଯ୍ୟଟନ/ ସାଂସ୍କୃତିକ ପରମ୍ପରାର ସ୍ଥାନ ଗୁଡିକ ବଳିଷ୍ଠରୂପେ ସଂଯୋଗୀକରଣ କରିବା ପାଇଁ ଓ ପୃଥିବୀର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଏହି ଯୋଜନାରେ ସହାୟତା ଯୋଗାଇ ରାସ୍ତା ଗୁଡିକର ଉନ୍ନତିକରଣ ଓ ମଜବୁତିକରଣ ପାଇଁ ଉଚିତ୍ ପଦକ୍ଷେପ ନେଇଛନ୍ତି ।

୮ ଗୋଟି ରାସ୍ତା ପ୍ରକଳ୍ପ ହାତକୁ ନେବାପାଇଁ ଭାରତ ସରକାର ୨୦୦୪-୦୫ରେ ୪୩.୫୧କୋଟି ଟଙ୍କା ଓ ୨୦୦୫-୦୬ରେ ୧୮କୋଟି ଟଙ୍କା ଆବଣ୍ଟନ କରିଛନ୍ତି । ୨୦୦୫-୦୬ ମଧ୍ୟରେ ୨ ଗୋଟି ରାସ୍ତା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଅଛି । ଅନ୍ୟ ୬ ଗୋଟି ରାସ୍ତା ପ୍ରକଳ୍ପର କାର୍ଯ୍ୟ ୨୦୦୬-୦୭ରେ ଅନ୍ତର୍ଭୁକ୍ତ ହୋଇଥିଲା ଓ ତାହା ଶେଷ ହୋଇଛି ।

୨୦୦୬-୦୭ ମଧ୍ୟରେ ଏହି ଯୋଜନାରେ ୮ଗୋଟି ରାସ୍ତା ପ୍ରକଳ୍ପ ହାତକୁ ନେବାପାଇଁ ଭାରତ ସରକାରଙ୍କ ଦ୍ୱାରା ୩୨.୩୦କୋଟି ଟଙ୍କା ଆବଣ୍ଟନ କରାଯାଇଛି ଯାହା ସମ୍ପୂର୍ଣ୍ଣ ହୋଇଯାଇଛି । ୨୦୦୭-୦୮ ମଧ୍ୟରେ ଭାରତ ସରକାରଙ୍କ ଯୋଜନା କମିଶନ ୪୬ କୋଟି ଟଙ୍କା ବ୍ୟୟରେ ୮ ଗୋଟି ପ୍ରକଳ୍ପ ମଞ୍ଜୁର କରିଅଛି । ତାହାମଧ୍ୟରୁ ୩ ଗୋଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି ଓ ଅନ୍ୟ ୫ ଗୋଟି ପ୍ରକଳ୍ପ ୨୦୦୯-୧୦ ମଧ୍ୟରେ ଶେଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି । ୨୦୦୮-୦୯ ମଧ୍ୟରେ ଯୋଜନା କମିଶନ ୫୩ କୋଟି ଟଙ୍କା ବ୍ୟୟରେ ୮ ଗୋଟି ପ୍ରକଳ୍ପ ମଞ୍ଜୁର କରିଅଛି ଓ ସମସ୍ତ ପ୍ରକଳ୍ପ ଗୁଡିକ ଆରମ୍ଭ ହୋଇଅଛି ଏବଂ ୨୦୦୯-୧୦ ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ଆଉମଧ୍ୟ, ୨୦୦୯-୧୦ ମଧ୍ୟରେ ୬୬ କୋଟି ଟଙ୍କା ବ୍ୟୟରେ ୧୨ ଗୋଟି ପ୍ରକଳ୍ପ ହାତକୁ ନେବା ପାଇଁ ପ୍ରସ୍ତାବିତ ଅଛି ।

### ***୫. ରେଳ ଓଭର ବ୍ରିଜ୍***

୨୦୦୭-୦୮ ବର୍ଷ ମଧ୍ୟରେ ୬ ଗୋଟି ରେଳ ଓଭର ବ୍ରିଜ୍ ନିର୍ମାଣପାଇଁ ୯ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଅଛି । ଏଥି ମଧ୍ୟରୁ ରେଳ ଓଭରବ୍ରିଜ୍ ୧-ବ୍ରହ୍ମପୁର ଲାଞ୍ଜିପାଲି,୨୦୦୮-

୦୯ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଅଛି।  ୨-ଭୁବନେଶ୍ୱରର ପୁନାମାଗେଟ ୨୦୦୮-୦୯ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଅଛି ଓ ଭଦ୍ରକର ବାଉଦପୁର ନିକଟ ବର୍ତ୍ତୀ ରାନ୍ଧିଆର ପୂର୍ତ୍ତ ବିଭାଗର ଅଂଶ ସମ୍ପୂର୍ଣ୍ଣ ହୋଇଛି ଏବଂ ତାହା ରେଳବାଇ ଅଂଶର ସମ୍ପୂର୍ଣ୍ଣ ହେବାପରେ ଖୋଲାଯିବ। ରାଉରକେଲାର ବାସନ୍ତୀ କଲୋନିଠାରେ  ରେଲଓଭର ବ୍ରିଜ୍ କାର୍ଯ୍ୟ ଆଗେଇ ଚାଲିଛି । ହଳଦିଆପଦର, ଗଞ୍ଜାମର ଗୋପାଳପୁର ରେଲଓଭର ବ୍ରିଜ୍‌ର ନିର୍ମାଣ ୨୦୦୯-୧୦ ମଧ୍ୟରେ ହାତକୁ ନିଆଯିବ

### ୬. ଅର୍ଥନୈତିକ ପ୍ରାଧାନ୍ୟ ଯୋଜନା

ଭାରତ ସରକାର ଏହି ଯୋଜନାରେ ୩୩୩.୬୯ କୋଟି ବ୍ୟୟ ଅଟକଳସହ ରାଜ୍ୟ ଅଂଶ ଓ କେନ୍ଦ୍ର ଅଂଶ ୫୦:୫୦ ସହିତ ୯ ଗୋଟି ରାସ୍ତା ପ୍ରକଳ୍ପ ମଞ୍ଜୁର କରିଛନ୍ତି । ୨୦୦୮-୦୯ ବର୍ଷ ଶେଷରେ ୯ ଗୋଟି ପ୍ରକଳ୍ପ ମଧ୍ୟରୁ ୫ ଗୋଟି ପ୍ରକଳ୍ପ ଶେଷ ହୋଇଛି ଏବଂ ୨୦୦୯-୧୦ ସୁଦ୍ଧା ବଳକା କାମ ଗୁଡିକ ଶେଷକରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି ।

ଉପରୋକ୍ତ ପାଣ୍ଠିରୁ ୨୦୦୬-୦୭ ସୁଦ୍ଧା ୨୬.୯୮ କି.ମି ରାସ୍ତାର ଉନ୍ନତି ହୋଇଛି ଓ ୨୦୦୭-୦୮ ମଧ୍ୟରେ ୩୬.୪୪ କୋଟି ଟଙ୍କା ବ୍ୟୟରେ ୨୩.୫୦ କି.ମି ରାସ୍ତା ଉନ୍ନତ ହୋଇଛି । ୨୦୦୮-୦୯ ମଧ୍ୟରେ ୩୩.୧୪ କୋଟି ଟଙ୍କା ବ୍ୟୟରେ ଅନ୍ୟଚାଲୁ କାର୍ଯ୍ୟ ସହିତ ୯ କି.ମି. ରାସ୍ତାର ଉନ୍ନତି ହୋଇଛି।

### ୭. ଅର୍ଥନୈତିକ ଓ ପ୍ରାଧାନ୍ୟ ଯୋଜନାରେ ଆନ୍ତଃରାଜ୍ୟ ସଂଯୋଗୀକରଣ

ଭାରତ ସରକାର ୫୬.୨୧ କୋଟି ଟଙ୍କା ବ୍ୟୟ ଅଟକଳର ଏହି ଯୋଜନାରେ ୬ ଗୋଟି ରାସ୍ତା ପ୍ରକଳ୍ପ ମଞ୍ଜୁର କରିଛନ୍ତି ।

ଏ ପର୍ଯ୍ୟନ୍ତ ଭାରତ ସରକାରଙ୍କ ଠାରୁ ମିଳିଥିବା ପାଣ୍ଠିରୁ ମାର୍ଚ୍ଚ ୨୦୦୯ ସୁଦ୍ଧା ୪୧୯୬ କୋଟି ଟଙ୍କା ବ୍ୟୟରେ ୮୬.୬୯ କି.ମି. ରାସ୍ତା ଉନ୍ନତି ହୋଇଅଛି ଓ ୨୦୦୯-୧୦ ମଧ୍ୟରେ ୪ ଗୋଟି ମଞ୍ଜୁରପ୍ରାପ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନିଆଯାଉଅଛି।

### ୮. ଗୁରୁତ୍ୱପୂର୍ଣ୍ଣ ରାସ୍ତା ପ୍ରକଳ୍ପ ଗୁଡିକର କାର୍ଯ୍ୟାନ୍ୱୟନ

(କ)   **କଟକ-ପାରାଦୀପ ରାସ୍ତା**

କଟକ ସହର ଓ ପ୍ରଧାନ ବନ୍ଦର ପାରାଦୀପକୁ ସଂଯୋଗକରି ମେଜିଆ ଚଟାଣର ୮୨ କି.ମି ଦୈର୍ଘ୍ୟର ଦୁଇଟିକିଆ ରାସ୍ତା ସହ କଟକ-ପାରାଦୀପ ରାସ୍ତା (ରାଜ୍ୟ ରାଜପଥ-୧୨)ର ଉନ୍ନତି କରଣ କାର୍ଯ୍ୟ ଚାଲୁ ରହିଅଛି । ଏହା କଟକ ଓ ଜଗତ୍ ସିଂହପୁର ଜିଲ୍ଲାର ଜନବହୁଳ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଦେଇ ଯାଇଅଛି । ଏହି ପ୍ରକଳ୍ପର ବ୍ୟୟ ୨୨୪.୮୦ କୋଟି ସ୍ଥିରିକୃତ ହୋଇଅଛି । ଏହି କାର୍ଯ୍ୟଟିକୁ ତ୍ୱରାନ୍ୱିତ କରିବାପାଇଁ ଏହାକୁ ବିଭାଜିତ କରାଯାଇଛି । ଦୁଇଟି ପ୍ୟାକେଜରେ ଯଥା: ପ୍ୟାକେଜ୍-୧ (୦/୦ ରୁ ୪୩/୦୦୦ କି.ମି) ଯାହାର କାର୍ଯ୍ୟ ମୂଲ୍ୟ ୧୧୨.୬୯ କୋଟି ଟଙ୍କା ଓ ପ୍ୟାକେଜ-୨ (୪୩/୦୦୦ ରୁ ୮୨/୦୦୦ କି.ମି) ଯାହାର କାର୍ଯ୍ୟ ମୂଲ୍ୟ ୧୧୨.୧୧ କୋଟି ଟଙ୍କା ଅଟେ । ଭାରତ ସରକାରଙ୍କ ଜାହାଜ, ରାସ୍ତା, ପରିବହନ ଓ ଜାତୀୟ ରାଜପଥ ବିଭାଗ କେନ୍ଦ୍ରୀୟ ରାସ୍ତା ପାଣ୍ଠିରୁ ୨୬.୪୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି ଓ ୩୫ କୋଟି ଟଙ୍କା ଡଙଡଂଟୁ ଓ ଘଖଈ ପ୍ରଭୃତି ଉତ୍ସରୁ ଯୋଗାଡ କରାଯାଇଅଛି । ଏଥିପାଇଁ ରାଜ୍ୟ ଯୋଜନା ପାଣ୍ଠିରୁ ୨୦୦୯-୧୦ ମଧ୍ୟରେ ୧୨୫୦.୦୦ ଲକ୍ଷ ଟଙ୍କା ଯୋଗାଇବା ପାଇଁ ପ୍ରସ୍ତାବ ହୋଇଅଛି । ପ୍ରକଳ୍ପଟି ୨୦୧୦-୧୧ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

***(ଖ)   ବିଜୟୱାଡା- ରାଞ୍ଚି ରାସ୍ତା***

ଓଡିଶା ଅନ୍ତର୍ଗତ ବିଜୟୱାଡା- ରାଞ୍ଚି ରାସ୍ତା ନିର୍ମାଣ ହେଲେ ନକ୍ସଲ ସମସ୍ୟା ପ୍ରବଣ ଅଞ୍ଚଳକୁ ଆଶାନୁରୂପ ସଡକପଥର ବ୍ୟବସ୍ଥା କରାଯାଇପାରିବ ଓ ଉକ୍ତ ଅଞ୍ଚଳରେ ବସବାସ କରିଆସୁଥିବା ଆଦିବାସୀ ଜନସାଧାରଣ ଉନ୍ନତିର ମୁଖ୍ୟ ସ୍ରୋତରେ ଯୋଗଦେଇପାରିବେ । ଏତଦଭିନ୍ନ ଅନୁନ୍ନତ ଜିଲ୍ଲା ଗୁଡିକରେ ନକ୍ସଲମାନଙ୍କ ପ୍ରଭାବକୁ ଦମନ କରିବାରେ ସୁରକ୍ଷାବଳକୁ ସହାୟକ ହେବ ।

୨୦୦୬-୦୭ ମସିହାରେ ୨୦ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରିୟ ସହାୟତାରେ ୨୧ କି.ମି. ଦୈର୍ଘ୍ୟ ଜଗନ୍ନାଥପୁର-ବ୍ରହ୍ମପୁର-ଫୁଲବାଣୀ ରାଜ୍ୟ ରାଜପଥ କାର୍ଯ୍ୟାନ୍ୱୟନ କରିବା ପାଇଁ ହାତକୁ ନିଆଯାଇଥିଲା ତାହା ସମ୍ପୂର୍ଣ୍ଣ ହୋଇଯାଇଛି । ପୁନଶ୍ଚ, ୨୦୦୮-୦୯ ମସିହାରେ ୨୦

କୋଟି ଟଙ୍କା ଅତିରିକ୍ତ କେନ୍ଦ୍ରୀୟ ସହାୟତା ବ୍ୟବସ୍ଥା କରାଯାଇଛି । ସେଥିରୁ ବିଜୟୱାଡା- ରାଞ୍ଚି ରାସ୍ତାରେ ମିଶୁଥିବା ଚାରିଛକରୁ ଫୁଲବାଣୀ ରାସ୍ତା ହାତକୁ ନିଆଯାଇଛି ଏବଂ କାର୍ଯ୍ୟଟି ଅଗ୍ରଗତି କରୁଛି। ବିଭିନ୍ନ ସ୍ଥାନରେ ବିଜୟୱାଡା- ରାଞ୍ଚି ରାସ୍ତାକୁ ଉନ୍ନତି କରିବାପାଇଁ ଯୋଜନା କମିଶନଙ୍କ ସ୍ୱତନ୍ତ୍ର ଅନୁଦାନରୁ, ରାଜ୍ୟ ଯୋଜନା ପାଣ୍ଠି ଏବଂ କେନ୍ଦ୍ରିୟ ସଡକ ପାଣ୍ଠିରୁ ମିଳିଥିବା ୩୦୦ କୋଟି ଟଙ୍କା ଉପଯୋଗ କରିବାକୁ୨୦୦୮-୦୯ ରେ ନିର୍ମାଣ ବିଭାଗ ଏକ କ୍ରୀୟାଶୀଳ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ତଦନୁସାରେ ଉପରୋକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ୬୮.୭୦ କି.ମି. ଦୈର୍ଘ୍ୟର କାର୍ଯ୍ୟ ଅଗ୍ରଗତି କରିଛି ଓ ବିଜୟୱାଡା- ରାଞ୍ଚି ରାସ୍ତା ଅନ୍ତର୍ଗତ ଅନ୍ୟ ୧୬୨.୨୦ କି.ମି. ଦୈର୍ଘ୍ୟ ରାସ୍ତାଂଶ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କାର୍ଯ୍ୟ ଚାଲିଛି ଏବଂ ସମ୍ପୃକ୍ତ ରାସ୍ତାରେ କେନ୍ଦ୍ରିୟ ସଡକପାଣ୍ଠି (ଇଛର), ଯୋଜନା କିମିଶନ ଅନୁଦାନ, ରାଜ୍ୟ ଯୋଜନାପାଣ୍ଠି ଏବଂ ସାର୍କା (ଜଆଛଇଆ) ପାଣ୍ଠିରୁ ଉପଲବ୍ଧ ଅର୍ଥ ଖର୍ଚ୍ଚ ହେବାର ଯୋଜନା ମଧ୍ୟ ରହିଛି । ପୁନଶ୍ଚ, ୩୪୦ କି.ମି. ରାସ୍ତାପାଇଁ ବିଶଦ ପ୍ରକଳ୍ପ ରିପୋର୍ଟ (ଉରାଦବଷକ୍ଷ ଙ୍ଖଛସରମନ୍ଦ ଛରଟଛଉନ୍ଦ) ପ୍ରସ୍ତୁତ ସରିଛି ଏବଂ ଯେତେ ଶିଘ୍ର ପାଣ୍ଠି ମିଳିବ, ସେତେ ଶିଘ୍ର ସେ କାର୍ଯ୍ୟ ଗୁଡିକୁ ହାତକୁ ନିଆଯିବ । ବର୍ତ୍ତମାନ ୧୨୦.୬୫ କି.ମି. ଦୈର୍ଘ୍ୟପାଇଁ ଉଙ୍ଛ ପ୍ରସ୍ତୁତି କାର୍ଯ୍ୟ ଚାଲିଅଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବିଶ୍ୱବ୍ୟାଙ୍କ ସହାୟତା ଓଡିଶା ରାଜ୍ୟସଡକ ପ୍ରକଳ୍ପ ଯୋଜନାରେ ରାଜ୍ୟସରକାର ୧୬୬ କି.ମି. ଦୈର୍ଘ୍ୟ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ଯାହାକି ବିଜୟୱାଡା- ରାଞ୍ଚି ରାସ୍ତା ଅନ୍ତର୍ଗତ ଅଟେ।

### *(ଗ) ନରଣପୁର-ପଣ୍ଡାପଡା-ହରିଚନ୍ଦନପୁର-ବ୍ରାହ୍ମଣିପାଳ-ଡୁବୁରୀ ରାସ୍ତା*

ଅର୍ଥନୈତିକ ପ୍ରାଧାନ୍ୟ ଯୋଜନାରେ ୩୦୨.୦୯ କୋଟି ଟଙ୍କା ଅଟକଳରେ ୮୯.୬୯୮ କି.ମି. ଦୈର୍ଘ୍ୟ ନରଣପୁର-ପଣ୍ଡାପଡା-ହରିଚନ୍ଦନପୁର-ବ୍ରହ୍ମଣିପାଳ-ଡୁବୁରୀ ରାସ୍ତାଟିର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହିରାସ୍ତାଟିକୁ ମେସର୍ସ ଗାୟତ୍ରି ଆର୍.ଏନ୍.ଏସ୍, ଜେ.ଭି., ହାଇଦରାବାଦ ଦ୍ୱାରା କାର୍ଯ୍ୟାନ୍ୱୟନ କରାଯାଉଛି। ଏହି ରାସ୍ତାଟିକୁ ୩ ଭାଗରେ ବିଭକ୍ତ କରାଯାଇଛି ଯଥା-୦/୦ ରୁ ୩୦/୧୨୯ କି.ମି., ୩୦/୧୨୯ ରୁ ୬୯/୨୬୯ କି.ମି. ଏବଂ ୬୯/୨୬୯ ରୁ ୮୯/୬୯୮ କି.ମି.। ଏହାର ୩୦.୧୨୯ କି.ମି. ରାସ୍ତାଂଶକୁ ୧୫.୧୧.୨୦୦୭ ତାରିଖରୁ ଉକ୍ତ

ଏଜେନ୍‌ସିକୁ ହସ୍ତାନ୍ତର କରାଯାଇଛି । ସେହିପରି ୬୯/୨୬୯ ରୁ ୮୯/୬୯୮ କି.ମି. ଅର୍ଥାତ୍ ୨୦.୪୨୯ କି.ମି. ଦୈର୍ଘ୍ୟ ରାସ୍ତାର କାର୍ଯ୍ୟ ଉକ୍ତ ଏଜେନସିଙ୍କ ଦ୍ୱାରା ମଧ୍ୟ କାର୍ଯ୍ୟାନ୍ୱୟନ ହେଉଅଛି। ଏହା ଛଡା ୩୦/୧୨୯ ରୁ ୬୯/୨୬୯ କି.ମି. ରାସ୍ତାର କାର୍ଯ୍ୟ ଏପର୍ଯ୍ୟନ୍ତ ଏଜେନସିକୁ ହସ୍ତାନ୍ତର କରାଯାଇ ନାହିଁ କାରଣ ଏହା ଜଙ୍ଗଲ ଅଞ୍ଚଳ ଦେଇ ଗତିକରୁଥିବାରୁ ଏହାକୁ ଜଙ୍ଗଲ ଓ ପରିବେଶ ବିଭାଗର ଆଇନ ଅନୁଯାୟୀ ମଞ୍ଜୁରୀ ପ୍ରାପ୍ତି ହୋଇ ନାହିଁ ।

### ୯. ଓଡିଶା ରାଜ୍ୟ ସଡକ ପ୍ରକଳ୍ପ(ଓ.ଏସ.ଆର.ପି)

ଓଡିଶା ରାଜ୍ୟ ସଡକ ପ୍ରକଳ୍ପ ନିମନ୍ତେ ବିଶ୍ୱବ୍ୟାଙ୍କ ୨୫୦ ନିୟୁତ ଆମେରିକୀୟ ଡଲାର ଋଣ ଯୋଗାଇ ଦେବାପାଇଁ ଜୁଲାଇ ୨୦୦୮ ରେ ଚୂଡାନ୍ତ ନିଷ୍ପତ୍ତି ହୋଇଛି । ଏହି ଋଣ ୮୦:୨୦ ଅନୁପାତରେ ବିଶ୍ୱବ୍ୟାଙ୍କ ଏବଂ ରାଜ୍ୟ ସରକାର ବହନ କରିବେ, ଯାହାକି ୯୫୩.୨୪ କୋଟି ଏବଂ ୪୭୬.୯୫ କୋଟି ଟଙ୍କା ଅଟେ। ଏହି ପ୍ରକଳ୍ପର ଅବଧି ୫ ବର୍ଷ ଅଟେ। ଋଣ ଚୁକ୍ତିନାମା ଗତ ଜାନୁୟାରୀ ୨୦୦୯ ରେ ସ୍ୱାକ୍ଷରିତ ହୋଇଛି ଏବଂ ଏପ୍ରିଲ ୧୫.୨୦୦୯ ଠାରୁ ଋଣଟି କାର୍ଯ୍ୟକାରୀ ହୋଇଅଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪୬୧ କି.ମି. ବ୍ୟସ୍ତ ବହୁଳ ରାସ୍ତାର ଉନ୍ନତିକରଣ କରାଯିବା ପାଇଁ ସ୍ଥିର କରାଯାଇଛି। ବର୍ତ୍ତମାନ ସୁଦ୍ଧା ନିମ୍ନଲିଖିତ ତିନୋଟି କାର୍ଯ୍ୟନିମନ୍ତେ ଠିକା ଦିଆଯାଇଛି ।

- ବ୍ରହ୍ମପୁର-ତପ୍ତପାଣି (୪୧ କି.ମି.)
- ଭବାନୀପାଟଣା-ଖରିଆର (୬୮ କି.ମି.)
- ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର (୯୫ କି.ମି.)

ଏଥିବ୍ୟତୀତ, କାର୍ଯ୍ୟ ତଦାରଖ କରିବା ନିମନ୍ତେ ତଦାରଖକାରୀ ପରାମର୍ଶଦାତା ନିୟୋଜିତ ହୋଇଛନ୍ତି । ଉପରୋକ୍ତ ରାସ୍ତା ଗୁଡିକରେ ନିର୍ମାଣ କାମ ଆରମ୍ଭ ହୋଇଅଛି । ଏଥି ସହ ପୂର୍ତ୍ତ ବିଭାଗ କାର୍ଯ୍ୟ କୁଶଳତାକୁ ବୃଦ୍ଧି ନିମନ୍ତେ 'ଆନୁଷ୍ଠାନିକ ଦୃଢୀକରଣ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତି ପାଇଁ ସହାୟତା ପ୍ରଦାନ ପାଇଁ ବିଶ୍ୱ ବ୍ୟାଙ୍କ ଋଣ ପ୍ରଦାନ କରିଛନ୍ତି ।

ସମ୍ବଲପୁର- ରାଉରକେଲା, ଯୋଡା-ବାମେବାରୀ ଓ କୋଇରା-ରାଜାମୁଣ୍ଡା ରାସ୍ତାର ନିର୍ମାଣ ଓ ପ୍ରଶସ୍ତି କରଣ କାର୍ଯ୍ୟ ସରକାରୀ ବେସରକାରୀ ଭାଗୀଦାରୀ (ପି.ପି.ପି) ଆଧାରରେ କରିବାପାଇଁ ସିଦ୍ଧାନ୍ତ କରିଛନ୍ତି । ଏଥିପାଇଁ ଏକ ପରାମର୍ଶଦାତା ନିୟୋଜିତ ହୋଇଛନ୍ତି । ଅଦ୍ୟାବଧି ଦୁଇଟି ରାସ୍ତା ନିମନ୍ତେ ସେମାନେ ଆବଶ୍ୟକୀୟ ରିପୋର୍ଟ ଦେଇଛନ୍ତି ଏବଂ ତୃତୀୟ ରାସ୍ତା ରିପୋର୍ଟ ପ୍ରସ୍ତୁତ କରାଯାଉଅଛି। ଓଡିଶା ରାଜ୍ୟ ନିମନ୍ତେ ଏକ ଟୋଲ୍ ପଲିସି ସରକାରୀ ସ୍ତରରେ ନିଷ୍ପତ୍ତି ଅପେକ୍ଷାରେ ରହିଛି, ଯାହାକି ଅନ୍ୟ ସମସ୍ତ ପୂର୍ତ୍ତ ବିଭାଗ ଅଧିନସ୍ଥ ରାସ୍ତା ସହ ସମସ୍ତ ପି.ପି.ପି. ସଡକ ପ୍ରକଳ୍ପ ନିମନ୍ତେ ପ୍ରଜୁଯ୍ୟ ହେବ।

## ୧୦. ଦ୍ୱାଦଶ ଅର୍ଥକମିଶନ୍ ଅନୁଦାନ

ଦ୍ୱାଦଶ ଅର୍ଥ କମିଶନ୍ ଅନୁଦାନ ଅଧିନରେ ୨୦୦୬-୦୭ରୁ ୨୦୦୯-୧୦ ମଧ୍ୟରେ ରାସ୍ତାର ମରାମତି ଓ ରକ୍ଷଣା ବେକ୍ଷଣ ପାଇଁ ୬୪୯.୦୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଚଳିତ ଆର୍ଥିକ ବର୍ଷ ୨୦୦୮-୦୯ ମଧ୍ୟରେ ୧୭୬ ଗୋଟି ପ୍ରକଳ୍ପର ଉନ୍ନତିକରଣ ପାଇଁ ବଜେଟରେ ୧୬୭.୦୨ କୋଟି ଟଙ୍କା ବ୍ୟବସ୍ଥା ହୋଇଅଛି, ଯାହା ସମ୍ପୂର୍ଣ୍ଣ ହୋଇଯାଇଛି। ୨୦୦୯-୧୦ ବର୍ଷ ମଧ୍ୟରେ ୧୪୪ ଗୋଟି ରାସ୍ତା ପ୍ରକଳ୍ପର ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟରେ ୧୬୭.୦୨ କୋଟି ଟଙ୍କା ଅଟକଳ ବ୍ୟବସ୍ଥା ହୋଇଛି।

## ୧୧. କୋଠାବାଡି ନିର୍ମାଣର କାର୍ଯ୍ୟାବଳୀ

ସରକାରୀ କୋଠାବାଡି ନିର୍ମାଣ ଓ ଏହାର ବିଧିବଦ୍ଧ ଉନ୍ନତି କରଣ ସହ ରାଜ୍ୟର ସାମଗ୍ରୀକ ଉନ୍ନତିର ପ୍ରସଙ୍ଗ ଜଡିତା କୋଠାବାଡି ନିର୍ମାଣ ଓ ନିର୍ମୀତ କୋଠାବାଡିର ରକ୍ଷଣା ବେକ୍ଷଣ ପୂର୍ତ୍ତ ବିଭାଗର ମୁଖ୍ୟ ଦାୟିତ୍ୱ ଅଟେ । ରାଜ୍ୟର ବିଭିନ୍ନ ବିଭାଗ ତରଫରୁ ଭିନ୍ନ ଭିନ୍ନ ଯୋଜନା ମାଧ୍ୟମରେ ବହୁତ ସଂଖ୍ୟକ କୋଠାବାଡି ନିର୍ମାଣ ଏକ ନୂତନ ନିର୍ମାଣ ଯୁଗର ଅୟମାରମ୍ଭ କରିଛି । ଏହା ଅପ୍ରତ୍ୟାଶିତ ଭାବେ ପୂର୍ତ୍ତ ବିଭାଗ ଉପରେ ଏକ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛି । ପୁନଶ୍ଚ ଏହି କାର୍ଯ୍ୟ କ୍ରମକୁ ଠିକ ଭାବରେ ଠିକ ସମୟରେ ଉଚିତ ମାର୍ଗରେ ଆଗେଇ ନେବା ଏକା ବିରାଟ ଚ୍ୟାଲେଂଜ । ସେ ଯାହାହେଉ ପଛେ ଏହି ବ୍ୟାପକ କାର୍ଯ୍ୟ କ୍ରମ ଓ ଏହା ସହିତ ଜଡିତ ବିଭିନ୍ନ ବିଭାଗ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନେଇ ତଥା ସମୟୋଚିତ ଉପଲବ୍ଧ ଅର୍ଥକୁ ଦୃଷ୍ଟିରେ ରଖି ବର୍ଷ

୨୦୦୮-୦୯ରେ ବିଭିନ୍ନ ଯୋଜନା ମାଧ୍ୟମରେ କରାଯାଉ ଥିବା କାର୍ଯ୍ୟ ବିବରଣୀ ସଂକ୍ଷେପରେ ନିମ୍ନରେ ଦିଆଗଲା ।

(ଟଙ୍କା ଲକ୍ଷରେ)

| ବର୍ଷ | ଯୋଜନା | ବଜେଟ ଆବଣ୍ଟନ | ବ୍ୟୟ | ଗ୍ରହଣ କରାଯାଇଥିବା ସର୍ବମୋଟ ପ୍ରକଳ୍ପ | ବର୍ଷ ମଧ୍ୟରେ ଶେଷ ହୋଇଥିବା |
|---|---|---|---|---|---|
| ୨୦୦୮-୦୯ | ରାଜ୍ୟ ଯୋଜନା | ୭୩୨୩.୩୨ | ୭୩୨୩.୩୨ | ୧୩୯୭ | ୯୯୦ |
| | କେନ୍ଦ୍ରିୟ ଯୋଜନା | ୧୮୩.୪୦ | ୧୮୩.୪୦ | ୧୪ | ୪ |
| | ଅଣଯୋଜନା | ୨୦୯୦୬.୬୦ | ୨୦୯୦୬.୬୦ | ୨୮୪୯ | ୨୫୬୯ |
| | ୧୨ ତମ ଅର୍ଥ କମିଶନ | ୪୧୭୫.୦୦ | ୪୧୭୫.୦୦ | ୩୪୯ | ୩୪୯ |
| | **ସର୍ବମୋଟ** | **୩୨୫୮୮.୦୦** | **୩୨୫୮୮.୦୦** | **୪୬୦୯** | **୩୯୧୨** |

କୋଠାବାଡି ନିର୍ମାଣ ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଷ୍ଟୋନ ତଥା ପଛୁଆ ଓ ନକ୍ସଲ ପ୍ରବଣ ଅଞ୍ଚଳରେ ନୂଆ ଭିତ୍ତିସଂରଚନା ପାଇଁ ବିଭାଗୀୟର ଯୋଜନା ବଦ୍ଧତା ଉପରେ ଆଲୋକପାତ ନିମ୍ନରେ କରାଗଲା ।

- ନକ୍ସଲ ପ୍ରଭାବିତ ଜିଲ୍ଲା (୧୭ ଗୋଟି ଜିଲ୍ଲା ଅନ୍ତର୍ଭୁକ୍ତ)
- ଝଆଜଙ, ଜଇଇଙ, ଔଇଔ ଜିଲ୍ଲା ଅନ୍ତର୍ଗତ ଅନୁନ୍ନତ ଅଞ୍ଚଳ
- ଆତ୍ମନିଯୁକ୍ତି ସୁବିଧା ସୃଷ୍ଟିକରିବା, ବେକାରୀ ସମସ୍ୟା ଦୂରୀକରଣ କରିବା, ବର୍ଦ୍ଧିତ ଶିଳ୍ପାନୁଷ୍ଠାନର ଆବଶ୍ୟକତାକୁ ପୂରଣ କରିବାପାଇଁ କୁଶଳୀ କର୍ମଚାରୀ ବୃନ୍ଦ ସୃଷ୍ଟି କରିବାପାଇଁ ଶିଳ୍ପ ପ୍ରଶିକ୍ଷଣ ଅନୁଷ୍ଠାନ, ବହୁବୃତ୍ତି ଅନୁଷ୍ଠାନ, ବୈଷୟିକ ମହାବିଦ୍ୟାଳୟ / ବିଦ୍ୟାଳୟ ପ୍ରତିଷ୍ଠା କରିବା ।
- ସ୍ୱାସ୍ଥ୍ୟ କ୍ଷେତ୍ରରେ ଭିତ୍ତିସଂରଚନା କରିବା ମୁଖ୍ୟ ଲକ୍ଷ୍ୟ, ଯେଉଁଥିରେ ଏହି ବିଭାଗ ରାଜ୍ୟସାରା ବହୁଗୁଡିଏ ଚିକିତ୍ସାଳୟ, ଡାକ୍ତରଖାନା, କେନ୍ଦ୍ରୀୟ ସ୍ୱାସ୍ଥ୍ୟକେନ୍ଦ୍ର (ଇଏଇ) ପ୍ରାଇମେରୀ ସ୍ୱାସ୍ଥ୍ୟ କେନ୍ଦ୍ର (ଡଏଇ) ଉପରସ୍ତର ପ୍ରାଇମେରୀ ସ୍ୱାସ୍ଥ୍ୟ କେନ୍ଦ୍ର (ଊଉଡଏଇ) ନିର୍ମାଣର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏପରିକି, ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲ, କଟକ, ବିରସୁରେନ୍ଦ୍ର ସାଏ ମେଡିକାଲ କଲେଜ ହସ୍ପିଟାଲ, ବୁର୍ଲା, ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ କଲେଜ ହସ୍ପିଟାଲ, ବ୍ରହ୍ମପୁର ପ୍ରଭୃତି ଅଗ୍ରଗାମୀ ଚିକିତ୍ସାଳୟ ଅନୁଷ୍ଠାନ, ଆଉମଧ୍ୟ ଏଥି ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ହୋମିଓପାଥି, ଆୟୁର୍ବେଦିକ କଲେଜମାନ ନିର୍ମାଣ/ ମରାମତି କରିବାର ଦାୟିତ୍ୱ ଏହି ବିଭାଗ ହାତକୁ ନେଇଛନ୍ତି।
- ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରି ଶିକ୍ଷାନୁଷ୍ଠାନ ଗୁଡିକ ନିର୍ମାଣ କରିବା ।
- ବିଭିନ୍ନ ଜିଲ୍ଲାଗୁଡିକରେ ଖେଳପଡିଆ ଓ କ୍ରିଡାଛାତ୍ରାବାସ, ଖେଳ ପରିସର ନିର୍ମାଣ
- କଳା ଓ ସଂସ୍କୃତି କେନ୍ଦ୍ର ଗୁଡିକର ନିର୍ମାଣ
- ନ୍ୟାୟାଳୟ ପରିସର, ବିଚାର ବିଭାଗୀୟ କର୍ମଚାରୀମାନଙ୍କ ପାଇଁ ଆବାସିକ ଗୃହ, ସାରା ରାଜ୍ୟରେ ନ୍ୟାୟାଳୟ କାର୍ଯ୍ୟାବଳୀର କମ୍ପ୍ୟୁଟରୀ କରଣ ସୁବିଧା ପାଇଁ ଇ-ନ୍ୟାୟାଳୟ ପ୍ରକଳ୍ପ ସୃଷ୍ଟି।

* ନୂଆ ଜିଲ୍ଲାପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳ ମାନଙ୍କ ପାଇଁ ଆବାସିକ ସୁବିଧା ପ୍ରଭୃତି ଭିତ୍ତିସଂରଚନା କରିବା ।

ଅଦ୍ୟାବଧି ହାତକୁ ନିଆଯାଇଥିବା ମୁଖ୍ୟ କାର୍ଯ୍ୟଗୁଡିକ ନିମ୍ନରେ ପ୍ରଦତ୍ତ କରାଯାଇଅଛି ।

| ବିଭାଗ | ପ୍ରକଳ୍ପ | ବ୍ୟୟ (କୋଟିରେ) |
|---|---|---|
| ପୂର୍ତ୍ତ ବିଭାଗ | ବାହ୍ୟ ସହାୟତା ପ୍ରକଳ୍ପ ଓ ଗ୍ରନ୍ଥାଳୟ ଗୃହ, (ଇ-ସଂଗ୍ରହଣ ପ୍ରକୋଷ୍ଠ), ଭୁବନେଶ୍ୱର | ଟ.୫.୬୯ |
| | ନିର୍ମାଣ ଶିକ୍ଷା ପ୍ରତିଷ୍ଠାନ, ଗୋପାଳପୁର, କଟକ | ଟ.୬.୦୦ |
| ଶିଳ୍ପ ବିଭାଗ | ପାରଳା ମହାରାଜା ବୈଷୟିକ ମହାବିଦ୍ୟାଳୟ, ବ୍ରହ୍ମପୁର | ଟ.୮.୦୫ |
| | ସରକାରୀ ବୈଷୟିକ ମହାବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ଟ.୯.୦୫ |
| ସ୍ୱାସ୍ଥ୍ୟ | ହୃଦ ରୋଗ ପ୍ରତିଷ୍ଠାନ, ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲ, କଟକ | ଟ.୪.୯୦ |
| | ଟେଲି ମେଡିସିନ ପରିସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲ, କଟକ | ଟ.୧.୬୦ |
| ଅର୍ଥ | ବିଜ୍ଞ ବ୍ୟକ୍ତି ବିଶେଷ ମାନଙ୍କ ପାଇଁ ଅତିଥି ଗୃହ, ଖଉଛଆରଖ, ଭୁବନେଶ୍ୱର | ଟ.୨.୦୦ |
| | ସ୍ୱତନ୍ତ୍ର କୋଷାଗାର ନଂ.୧, ଭୁବନେଶ୍ୱର | ଟ.୨.୮୦ |
| ରାଜସ୍ୱ | ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୋଠାଘର , କେନ୍ଦ୍ରାପଡା | ଟ.୨.୦୩ |
| | ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୋଠାଘର, ନୟାଗଡ | ଟ.୨.୧୮ |
| | ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୋଠାଘର, ଖୋର୍ଦ୍ଧା | ଟ.୧.୦୮ |
| | ସର୍କିଟ ହାଉସ୍, ଝାରସୁଗୁଡା | ଟ.୧.୩୮ |
| କ୍ରିଡା | ଜିଲ୍ଲା କ୍ରିଡା ପରିସର, ପୁରୀ | ଟ.୨.୫୬ |
| | ଜିଲ୍ଲା କ୍ରିଡା ପରିସର କୁଶାଡୁଙ୍ଗୁରୀ, ଭବାନୀପାଟଣା | ଟ.୨.୫୫ |
| | ଜିଲ୍ଲା କ୍ରିଡା ପରିସର, ସୁନ୍ଦରଗଡ | ଟ.୨.୨୨ |
| | ଜିଲ୍ଲା କ୍ରିଡା ପରିସର, କୋରାପୁଟ | ଟ.୨.୫୫ |
| | ସମଗ୍ର ରାଜ୍ୟ ଅନ୍ତର୍ଗତ ୩୯ ଗୋଟି ଖେଳପଡିଆ | ଟ.୪.୫୬ |

ପରିସଂଖ୍ୟାନ ସୂଚିତ କରେଯେ, ୨୦୦୬-୦୭ ସୁଦ୍ଧା ସମଗ୍ର ରାଜ୍ୟରେ କୋଠାବାଡି ମୂଳଧନ ସମ୍ପତ୍ତି ଭିତ୍ତିଭୂମିର କ୍ଷେତ୍ରଫଳ ୮୧୬୩୯୭୯ ବର୍ଗମିଟର (ଉଭୟ ଆବାସିକ ଓ ଅଣଆବାସିକ) ଏବଂ ପରବର୍ତ୍ତି ବର୍ଷ ଅର୍ଥାତ୍ ୨୦୦୭-୦୮ ବେଳକୁ ସର୍ବମୋଟ ୮୫୧୯୫୩୨ ବର୍ଗମିଟର (ଉଭୟ ଆବାସିକ ଓ ଅଣ ଆବାସିକ) କୁ ବୃଦ୍ଧି ଘଟିଛି । ଏଥିରୁ ଜଣାପଡେ ଯେ ପ୍ରତ୍ୟେକ ବର୍ଷ ୪.୪୦% (ଅର୍ଥାତ ୫%) ବୃଦ୍ଧି ହେଉଛି । ବର୍ତ୍ତମାନର ଭିତ୍ତିଭୂମିର ବୃଦ୍ଧି ଧାରାକୁ ଦେଖିଲେ ୨୦୦୯-୧୦ ବର୍ଷପାଇଁ ପରିଯୋଜନା ଅନୁସାରେ ପୂର୍ତ୍ତ ବିଭାଗ ବହୁ ସଂଖ୍ୟାରେ ହାରାହାରି ୯୩୯୨୭୮୪ ବର୍ଗମିଟର ପରିମିତ (ଉଭୟ ଆବାସିକ ଓ ଅଣ ଆବାସିକ) କୋଠାବାଡିର ଭିତ୍ତିଭୂମି ହାତକୁ ନେଇଛି । ଏହା ୨୦୦୯-୧୦ ବର୍ଷ ପାଇଁ ତିଆରି କରାଯାଇଥିବା ନୂଆ

ପରିଯୋଜନାର କାର୍ଯ୍ୟକ୍ରମ ଏବଂ ପ୍ରଚଳିତ ଅନ୍ତନିର୍ମାଣ ଗୁଡିକର ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ ଅଟେ। ଏଥିପାଇଁ ସୁବ୍ୟବସ୍ଥିତ ପରିକଳ୍ପନା, କାର୍ଯ୍ୟକ୍ରମ ଗୁଡିକୁ ଠିକ୍ ଭାବରେ ପ୍ରମୁଖତା ଦେବା, ନୂତନ ବୈଷୟିକ ଜ୍ଞାନ କୌଶଳ ଲଗାଇବା ବର୍ତ୍ତମାନ ପରିପ୍ରେକ୍ଷୀର ଅତ୍ୟନ୍ତ ଜରୁରୀ ଅଟେ ।

## ୧୨. ୨୦୦୮-୦୯ ଆର୍ଥିକ ବର୍ଷରେ ଜାତୀୟ ରାଜପଥର ବିଭିନ୍ନ କାର୍ଯ୍ୟାବଳୀ ସମ୍ବନ୍ଧୀୟ ବିବରଣୀ

<table>
<tr><td>୧.</td><td>ଜାତୀୟ ରାଜପଥ ୨୩ର କାଲଣ୍ଡା ଠାରୁ ପିତ୍ରୀ ପର୍ଯ୍ୟନ୍ତ ମିସିଙ୍ଗ୍ ଲିଙ୍କ୍ କାମ ଯାହାକି ୧୯୮୫ ମସିହାରୁ ମନ୍ଥର ଗତିରେ ଚାଲୁଥିଲା ତାହା ବର୍ତ୍ତମାନ ତ୍ୱରାନ୍ୱୀତ କରାଯାଇ ଜୁନ୍ ୨୦୦୮ ମସିହାରେ ଗମନାଗମନ ଉପଯୋଗୀ ହୋଇପାରିଛି ।</td></tr>
<tr><td>୨.</td><td>୨୦୦୮-୦୯ ଆର୍ଥିକ ବର୍ଷରେ ୬ ଗୋଟି ସେତୁ କାମ ସମ୍ପୂର୍ଣ୍ଣ କରାଯାଇଛି ସେ ଗୁଡିକ ହେଲା (୧) ଜାତୀୟ ରାଜପଥ - ୨୦୧ରେ ପିପଲ ନଦୀ ଉପରେ ବୃହତ ପୋଲ (୨) ଜାତୀୟ ରାଜପଥ - ୨୦୧ ରେ ମାଧିଆପାଲି ନାଳ ଉପରେ କ୍ଷୁଦ୍ରପୋଲ (୩) ଜାତୀୟ ରାଜପଥ - ୨୧୫ର ଅଁଳାଧାର ନାଳ ଉପରେ କ୍ଷୁଦ୍ର ପୋଲ ଏବଂ ଜାତୀୟ ରାଜପଥ - ୨୩ର ତିନିଗୋଟି କ୍ଷୁଦ୍ର ପୋଲ ।</td></tr>
<tr><td>୩.</td><td>୨୦୦୮-୦୯ ଆର୍ଥିକ ବର୍ଷରେ ୨୦୨.୩୭ କି.ମି ଜାତୀୟ ରାଜପଥର ଉନ୍ନତିକରଣ କାର୍ଯ୍ୟ କରାଯାଉଛି । ତାହା ନିମ୍ନରେ ସୂଚାଇ ଦିଆଗଲା ।<br>ଦୁଇ ଧାରରେ ପ୍ରଶସ୍ତ କରଣ - ୬୨.୫୦ କି.ମି<br>ଦୃଢୀକରଣ - ୪୩.୬୨ କି.ମି<br>ଚଲମାନର ଉନ୍ନତିକରଣ - ୯୬.୨୫ କି.ମି</td></tr>
<tr><td>୪.</td><td>୨୦୦୮ - ୦୯ ଆର୍ଥିକ ବର୍ଷରେ ୪୨ ଟି ପ୍ରକଳ୍ପ ନିମନ୍ତେ ୫୪୮.୬୬୫ କୋଟି ଟଙ୍କାର ଅନୁମୋଦନ ଲାଭ କରିଛି । ତାହା ନିମ୍ନରେ ପ୍ରଦାନ କରାଗଲା ।
<table>
<tr><td>ଦୁଇ ଧାରରେ ପ୍ରଶସ୍ତ କରଣ</td><td>-</td><td>୨୦୩.୬୮ କି.ମି ପାଇଁ ୩୦୫.୦୭ କୋଟି</td></tr>
<tr><td>ଦୃଢୀକରଣ କାର୍ଯ୍ୟ</td><td>-</td><td>୧୬୧.୪୪ କି.ମି ପାଇଁ ୧୨୮.୮୩ କୋଟି</td></tr>
<tr><td>ଚଲମାନର ଉନ୍ନତିକରଣ</td><td>-</td><td>୧୮୪.୨୬ କି.ମି ପାଇଁ ୯୬.୫୬ କୋଟି</td></tr>
<tr><td>ପୋଲ ପୁନଃରୁଦ୍ଧାର (୧୦ଟି ନିମନ୍ତେ)</td><td>-</td><td>୧୫.୫୧ କୋଟି</td></tr>
<tr><td>ସୁରକ୍ଷା ଓ ପରାମର୍ଶଦାତା ସେବା ନିମନ୍ତେ</td><td>-</td><td>୨.୬୮୮୨ କୋଟି</td></tr>
</table></td></tr>
<tr><td>୫.</td><td>୨୦୦୯-୧୦ ଆର୍ଥିକ ବର୍ଷରେ ୩୦ ଗୋଟି ପ୍ରକଳ୍ପ ପାଇଁ ୨୧୦ କୋଟି ଟଙ୍କାର ଅନୁମୋଦନ ପାଇଁ ପ୍ରସ୍ତାବ ରଖାଯାଇଛି ତହା ନିମ୍ନରେ ପ୍ରଦାନ କରାଗଲା ।
<table>
<tr><td>ପ୍ରଶସ୍ତକରଣ</td><td>-</td><td>୬୦.୦୦ କି.ମି</td></tr>
<tr><td>ଦୃଢୀକରଣ</td><td>-</td><td>୪୨.୦୦ କି.ମି</td></tr>
<tr><td>ତଲମାନର ଉନ୍ନତିକରଣ</td><td>-</td><td>୭୩.୦୦ କି.ମି</td></tr>
<tr><td>ପୋଲ (୧୦ ଟି)</td><td></td><td></td></tr>
<tr><td>କଲଭର୍ଟ କାର୍ଯ୍ୟର ପୁନଃନିର୍ମାଣ</td><td>-</td><td>୪ କୋଟି</td></tr>
<tr><td>ଜାତୀୟ ରାଜପଥ ୨୦୦ ରେ ଥିବା ବେଲପାହାଡ ବାଇପାସ୍ ନିର୍ମାଣ ପାଇଁ ଭୂଅର୍ଜନ ନିମନ୍ତେ</td><td>-</td><td>୨୦ କୋଟି</td></tr>
</table></td></tr>
<tr><td></td><td>୨୦୦୮-୦୯ ଆର୍ଥିକ ବର୍ଷରେ ହୋଇଥିବା ଆବଣ୍ଟନ ଓ ଖର୍ଚ୍ଚର ବିବରଣୀ (କୋଟିରେ) ୩୧.୦୩.୨୦୦୯ ପର୍ଯ୍ୟନ୍ତ ।
<table>
<tr><td>କେଉଁ କାର୍ଯ୍ୟପାଇଁ</td><td>କେତେ ଆବଣ୍ଟନ ଦିଆଯାଇଛି</td><td>କେତେ ଖର୍ଚ୍ଚ ହୋଇଛି</td><td colspan="3">କେତେ କିଲୋମିଟର କାର୍ଯ୍ୟ ହୋଇଛି</td></tr>
<tr><td rowspan="3">ଜାତୀୟ ରାଜପଥ (ମୂଳ କାର୍ଯ୍ୟ)</td><td rowspan="3">୨୦୮.୮୪</td><td rowspan="3">୨୦୮.୮୪</td><td>ପ୍ରଶସ୍ତକରଣ</td><td>-</td><td>୬୨.୫୦ କି.ମି</td></tr>
<tr><td>ଦୃଢୀକରଣ</td><td>-</td><td>୪୩.୬୨ କି.ମି</td></tr>
<tr><td>ତଲମାନର ଉନ୍ନତିକରଣ</td><td>-</td><td>୯୬.୨୫ କି.ମି</td></tr>
<tr><td>ସାମୟିକ</td><td>୩୧.୦୦</td><td>୩୧.୦୦</td><td colspan="3">୨୦୨.୦୦ କି.ମି</td></tr>
</table></td></tr>
</table>

| | | | | |
|---|---|---|---|---|
| | ନବୀକରଣ | | | |
| | ସାଧାରଣ ମରାମତି | ୧୩.୬୫ | ୧୩.୬୫ | ଆବଶ୍ୟକ ମୁତାବକ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । |
| | ବନ୍ୟାଜନିତ କ୍ଷୟକ୍ଷତି | ୧୭.୦୦ | ୧୭.୦୦ | କ୍ଷୟକ୍ଷତି ହୋଇଥିବା ଅଂଶରେ ତୁରନ୍ତ ପୁନଃରୁଦ୍ଧାର କାର୍ଯ୍ୟକରାଯାଇଛି । |